# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୮୫ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୪୩ ତାରିଖ: ୨୪.୧୦.୨୦୨୫

## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୮.୧୦.୨୦୨୫ ରୁ ୨୪.୧୦.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ସୋନପୁର | 32 | 31 | 31 | 31 | 30 | 33 | 33 | 22 | 23 | 23 | 22 | 23 | 22 | 23 | 0.0 | 0.0 | 0.7 | 3.2 | 0.7 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୫-୧୦-୨୦୨୫ | ୨୬-୧୦-୨୦୨୫ | ୨୭-୧୦-୨୦୨୫ | ୨୮-୧୦-୨୦୨୫ | ୨୯-୧୦-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 1 | 2 | 3 | 7 | 13 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 33 | 33 | 33 | 32 | 32 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 23 | 22 | 22 |
| ମେଘ ଆବରଣ (ଓକଟା) | 2 | 2 | 3 | 4 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 87 | 89 | 88 | 86 | 91 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 44 | 47 | 49 | 48 | 65 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 5 | 5 | 9 | 12 |
| ପବନର ଦିଗ (ଡିଗ୍ରୀ) | 73 | 73 | 70 | 62 | 51 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ଅତି ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ସଫା କିମ୍ବା ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ହ୍ରାସ ଦେଖାଯିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୫-୧୨ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ (ତାରିଖ:୨୩.୧୦.୨୦୨୫) ଅନୁଯାୟୀ, ସପ୍ତାହ-୧ (୨୪ ରୁ ୩୦ ଅକ୍ଟୋବର, ୨୦୨୫) ମଧ୍ୟରେ ଓଡିଶାରେ ବିକ୍ଷିପ୍ତ ରୁ ଯଥେଷ୍ଟ ବ୍ୟାପକ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଅଛି । ସେହି ସମୟ ମଧ୍ୟରେ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦-୩୨°C ଏବଂ ୨୦-୨୪°C ମଧ୍ୟରେ ରହିପାରେ । ଦ୍ୱିତୀୟ ସପ୍ତାହ (୩୧ ଅକ୍ଟୋବର, ୨୦୨୫ ରୁ ୦୬ ନଭେମ୍ବର, ୨୦୨୫) ମଧ୍ୟରେ ଓଡିଶାର ବିଭିନ୍ନ ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ସର୍ବାଧିକ ତାପମାତ୍ରା ୩୦-୩୨°C ରହିବା ସହିତ ଓଡିଶାର ପଶ୍ଚିମତମ ଅଂଶରେ ସର୍ବନିମ୍ନ ତାପମାତ୍ରା ୧୮-୨୦°C ଏବଂ ଅବଶିଷ୍ଟ ଅଂଶରେ ୨୦-୨୨°C ମଧ୍ୟରେ ରହିବାର ସମ୍ଭାବନା ଅଛି ।

- ଆଗାମୀ ସପ୍ତାହ ଏବଂ ତା'ପର ସପ୍ତାହରେ ହେବାକୁ ଥିବା ବର୍ଷାର ସମ୍ଭାବନାକୁ ଧାନରେ ରଖି, ଚାଷୀମାନଙ୍କୁ ଏହି ସମୟ ଅବଧିରେ ଆବଶ୍ୟକ କୃଷି କାର୍ଯ୍ୟ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ତଥା ରବି ଫସଲ ଯେପରିକି ତୈଳବୀଜ, ଡାଲିଜାତୀୟ ଫସଲ, ପନିପରିବା ଇତ୍ୟାଦିକୁ ବୁଣିବା ପାଇଁ ଜମି ପ୍ରସ୍ତୁତି ତଥା ବୁଣା କାର୍ଯ୍ୟ ଏବଂ ପଶୁମାନଙ୍କ ଚାରା ଆବଶ୍ୟକତା ପୂରଣ କରିବା ପାଇଁ ସବୁଜ ଚାରା ବୁଣିବା କାର୍ଯ୍ୟ ମଧ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ଚାଷୀମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।

## ସଂକ୍ଷିପ୍ତ ଉପଦେଶ

- ଚାଷୀଭାଇମାନେ ସେମାନଙ୍କର ସ୍ୱଳ୍ପ ଅବଧିର ଧାନ ଫସଲ ଯାହା ଏବେ ପରିପକ୍ୱ ବା ପାଚିବା ପର୍ଯ୍ୟାୟରେ ଅଛି ତାକୁ ସିଘ୍ର ଅମଳ କରିନିଅନ୍ତୁ ଏବଂ ଆଗାମୀ ବର୍ଷା ଯୋଗୁଁ କ୍ଷତିକୁ ଏଡାଇବା ପାଇଁ ଏହାକୁ ସୁରକ୍ଷିତ ସ୍ଥାନରେ ରଖିବାର ବ୍ୟବସ୍ଥା କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ଫୁଲ ଓ ଦୁଗ୍ଧ ଅବସ୍ଥା / ଦାନା ଭରିବା ଅବସ୍ଥା | • ଚକଡା ବା ମାଟିଆ ଗୁଣ୍ଡି ପୋକର ନିୟନ୍ତ୍ରଣ ହେତୁ ପୋକ ଲାଗିଥିବା ସମୟରେ ନାଇଟ୍ରୋଜେନଯୁକ୍ତ ସାର ବ୍ୟବହାର କରିବାରୁ ବଞ୍ଚନ୍ତୁ, କ୍ଷେତରେ ପାଣି ଜମି ରହିବାକୁ ରୋକିବା ପାଇଁ ବିକଳ୍ପ ଓଦା ଓ ଶୁଖା କୌଶଳ ବ୍ୟବହାର କରନ୍ତୁ । ଯଦି ତଥାପି ମଧ୍ୟ ସମସ୍ୟା ଲାଗି ରହେ, ତେବେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. @ ୯୪ ମିଲି କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. @ ୧୨୦ ଗ୍ରାମ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି. @ ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ % ଏସ୍.ଏଲ୍. @ ୫୦ ମିଲି କିମ୍ବା ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ ପ୍ରତି ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ ।<br>• ଆଗାମୀ ସପ୍ତାହରେ ହେବାକୁ ଥିବା ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ କୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ ସମୟରେ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଅଛି । |
| ସୋରିଷ ଓ ତୋରିଆ | ବୁଣା ପୂର୍ବ ଅବସ୍ଥା ଓ ଜମି ପ୍ରସ୍ତୁତି / ପ୍ରଭେଦ ଚୟନ | • ଆବଶ୍ୟକୀୟ ସାରର ସଠିକ୍ ପରିମାଣ ନିର୍ଣ୍ଣୟ କରିବା ପାଇଁ ମାଟିର ପୁଷ୍ଟିକର ସ୍ଥିତି ପରୀକ୍ଷା ନିଶ୍ଚୟ କରାନ୍ତୁ ।<br>• ମାଟିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଜମି ପ୍ରସ୍ତୁତି ସମୟରେ ଭଲ ଭାବରେ ପଚିଯାଇଥିବା ବା ସଢିଯାଇଥିବା ଗୋବର ଖତ କିମ୍ବା କମ୍ପୋଷ୍ଟ ମାଟିରେ ମିଶାଇ ଦିଅନ୍ତୁ ।<br>• ପୁସା ବୋଲ୍ଡ, ବିନୟ, ପୁସା ବାହାର, ବରୁଣ, ପୁସା ଜୟକିସାନ, ଜେ.ଡି-୬, ତୋରିଆ- ଏମ୍ ୨୯, ଅନୁରାଧା, ପାର୍ବତୀ ଭଳି ଉପଯୁକ୍ତ କିସମ ବ୍ୟବହାର କରନ୍ତୁ ।<br>• ବୁଣିବା ପୂର୍ବରୁ କାର୍ବେଣ୍ଡାଜିମ୍ @ ୨ ଗ୍ରାମ କିମ୍ବା ଥିରାମ @ ୨.୫ ଗ୍ରାମ କୁ ପ୍ରତି କିଲୋଗ୍ରାମ ବିହନ ସହିତ ମିଶାଇ ବିହନ ଉପଚାର କରନ୍ତୁ । |
| ଆମ୍ବ | ବଗିଚା ପରିଚାଳନା | • ଗଛର ଗଣ୍ଡି ଚାରିପାଖରେ ୪୫-୯୦ ସେମି ଦୂରରୁ ଗାତ ଖୋଳି ନିର୍ଧାରିତ ସାରକୁ ଉପଯୁକ୍ତ ମାତ୍ରାରେ ପ୍ରୟୋଗ କରନ୍ତୁ ଏବଂ ଏହାକୁ ମାଟିରେ ମିଶାଇ ଦିଅନ୍ତୁ । ବର୍ଷା ନ ହେବା ସ୍ଥିତିରେ ସାର ପ୍ରୟୋଗ କରିବାସାରିବା ପରେ ଜଳସେଚନ କରିଦିଅନ୍ତୁ ।<br>• ଯେକୌଣସି ପ୍ରକାରର ମୃତ କିମ୍ବା ରୋଗଗ୍ରସ୍ତ ଡାଳକୁ କାଟିଦିଅନ୍ତୁ ଏବଂ ପରବର୍ତ୍ତୀ ସଂକ୍ରମଣକୁ ରୋକିବା ପାଇଁ କାଟିଲା ପରେ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ କୁ ମିଶାଇ ୧୫ ଦିନ ବ୍ୟବଧାନରେ କଟା ଜାଗାରେ ପ୍ରୟୋଗ କରନ୍ତୁ । |
| ବିଲାତି ବାଇଗଣ (ଟମାଟର୍) | ନର୍ସରୀ ତଳି ଘେରା ପ୍ରସ୍ତୁତି / ଚାରା ଅବସ୍ଥା / ରୋପଣ | • ୩ ମିଟର ଲମ୍ବ, ୧ ମିଟର ପ୍ରସ୍ଥ ଏବଂ ୧୫ ରୁ ୨୦ ସେମି ଉଚ୍ଚତାର ଏକ ନର୍ସରୀ ବେଡ୍ ପ୍ରସ୍ତୁତ କରନ୍ତୁ ଏବଂ ସେଥିରେ ୧୫ ରୁ ୩୦ କିଲୋ ଭଲ ଭାବରେ ପଚିଯାଇଥିବା ଗୋବର ଖତ ପ୍ରୟୋଗ କରନ୍ତୁ ଏବଂ ବୁଣିବାର ସାତ ଦିନ ପୂର୍ବରୁ ଆଗକୁ ପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ନର୍ସରୀ ବେଡ୍ ରେ ୧୫୦ ଗ୍ରାମ କ୍ଲୋରପାଇରିଫସ୍ ଗୁଣ୍ଡ ବ୍ୟବହାର କରନ୍ତୁ ।<br>• ବିଭିନ୍ନ କୀଟ ଏବଂ ରୋଗ ବିରୁଦ୍ଧରେ ଚାରାଗୁଡ଼ିକୁ ନିରୀକ୍ଷଣ କରନ୍ତୁ ଏବଂ ଟମାଟୋ କ୍ଷେତରେ ୬୦ ସେମି × ୪୫ ସେମି ବ୍ୟବଧାନରେ ସୁସ୍ଥ ଚାରାଗୁଡ଼ିକର ରୋପଣ କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । |
| ଗୋରୁ ଗାଈ ଓ ମଇଁଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ସ୍ତନହରା ଓ ଫାଟୁଆ ରୋଗର ଆକ୍ରମଣ ପ୍ରତି ସାବଧାନ ରୁହନ୍ତୁ । | |

| Ms. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima | Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima |
|---|---|


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ।